# ବିଡିଓଙ୍କ ପ୍ରତିଶ୍ରୁତି ପରେ ଧାରଣାରୁ ଓହରିଲେ ଅଙ୍ଗନବାଡ଼ି କର୍ମୀ

ତୁମୁଡ଼ିବନ୍ଧ, ୧୩।୯ (ସମିସ)



ତୁମୁଡ଼ିବନ୍ଧ ବ୍ଲକ ସମନ୍ୱିତ ଶିଶୁ ବିକାଶ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ସିଡିପିଓଙ୍କ ଦବଙ୍ଗଗିରି ବିରୋଧରେ ଶତାଧିକ ଅଙ୍ଗନବାଡ଼ି କର୍ମୀ ଶୁକ୍ରବାର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଆଜି ଦ୍ୱିତୀୟ ଦିନରେ ମଧ୍ୟ ଧାରଣା ଜାରି ରହିଥିଲା। ସିଡିପିଓ ଅଙ୍ଗନବାଡ଼ି କର୍ମୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହିତ ନିଜର ବ୍ୟକ୍ତିଗତ ଜୀବନକୁ ଆକ୍ଷେପ କରି ଅପମାନିତ କରୁଥିବା ପ୍ରସଙ୍ଗକୁ ନେଇ ଅଙ୍ଗନବାଡ଼ି କର୍ମୀ ପ୍ରତିକ୍ରିୟା ପ୍ରକାଶ କରି ଧାରଣା ଦେଇଥିଲେ। ଧାରଣାର ପ୍ରଥମ ଦିନରେ ଜିଲ୍ଲା ଶିଶୁ ବିକାଶ ମଙ୍ଗଳ ଅଧିକାରୀ ତୁମୁଡ଼ିବନ୍ଧ ଆସି ସିଡିପିଓଙ୍କ ସହିତ ଆଲୋଚନା କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ସିଡିପିଓ ତାଙ୍କୁ ଖାତିର ନକରି ଅଣଦେଖା କରିବା ସହିତ ଅପମାନ କରିବା ପରେ ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀ କ୍ଷୋଭ ପ୍ରକାଶ କରି ଫେରିଯାଇଥିଲେ। ଆନ୍ଦୋଳନ ତେଜିବା ପରେ ତୁମୁଡ଼ିବନ୍ଧ ତହସିଲଦାର ଧାରଣା ସ୍ଥଳକୁ ଆସି ଅଙ୍ଗନବାଡ଼ି କର୍ମୀଙ୍କୁ ବୁଝାସୁଝା କରିବାପରେ ମଧ୍ୟ ଧାରଣା ଭଙ୍ଗ ହୋଇନଥିଲା। ଆଜି ଦ୍ୱିତୀୟ ଥର ପାଇଁ ବିଡିଓ ଧାରଣା ସ୍ଥଳରେ ପହଞ୍ଚି ସିଡିପିଓଙ୍କ ଉପସ୍ଥିତିରେ ଅଙ୍ଗନବାଡି କର୍ମୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଅଙ୍ଗନବାଡି କର୍ମୀ ଧାରଣାରୁ ଓହରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଭିଯୋଗ ବିଷୟରେ ସିଡିପିଓଙ୍କୁ ତାଗିଦ କରିଥିଲେ। ସିଡିପିଓ ଅଭିଯୋଗକୁ ଖଣ୍ଡନ କରିବା ସହିତ ଏହାକୁ ଭିତ୍ତିହୀନ ବୋଲି କହିଥିଲେ। ଅଙ୍ଗନବାଡି କର୍ମୀଙ୍କ ଅଭିଯୋଗ ଅନୁଯାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉକ୍ତ ଅଭିଯୋଗ ବିଷୟରେ ବାଲିଗୁଡ଼ା ଉପଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ଉପଜିଲ୍ଲାପାଳ ତିନି ଦିନ ମଧ୍ୟରେ ନିରପେକ୍ଷ ତଦନ୍ତ କରି ଏହାର ତୁରନ୍ତ ସମାଧାନ କରି ଅଭିଯୋଗ ଅନୁଯାୟୀ ସମସ୍ୟାର ସମାଧାନ କରାଯିବା ସହିତ ସିଡିପିଓଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଉପଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ଅନୁଯାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧାରଣାଗତ ଅଙ୍ଗନବାଡି କର୍ମୀ ମାନଙ୍କ ସହିତ ଆଲୋଚନା କରିବାପରେ ଅଙ୍ଗନବାଡି କର୍ମୀମାନେ ଧାରଣାରୁ ଓହରିଥିଲେ। ସିଡିପିଓ ନିଜ ସମ୍ପର୍କୀୟଙ୍କୁ ଡକାଇ ଗଣମାଧ୍ୟମ ପ୍ରତିନିଧିଙ୍କୁ ଖବର ସଂଗ୍ରହ କରୁଥିବା ବେଳେ ଆକ୍ରୋଶମୂଳକ ଭାବେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ ଏବଂ ଗାଳିଗୁଲଜ ସହିତ ଦୁର୍ବ୍ୟବହାର କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ପ୍ରତଶ୍ରୁତି ଯଦି କାର୍ଯ୍ୟକାରୀ ନ ହୁଏ ତେବେ ପୁଣି ଥରେ ଧାରଣାରେ ବସିବୁ ବୋଲି ଅଙ୍ଗନବାଡି କର୍ମୀ ସଭାପତି ଶର୍ମିଷ୍ଠା ନାୟକ କହିଛନ୍ତି।

## ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗର ଯୁଗ୍ମ ନିର୍ଦ୍ଦେଶିକାଙ୍କ ଗଜପତି ଗସ୍ତ



ପାରଳାଖେମୁଣ୍ଡି, ୧୩।୯ (ସମିସ): ଶୁକ୍ରବାର ଠାରୁ ଦୁଇଦିନିଆ ଗଜପତି ଜିଲ୍ଲା ଗସ୍ତରେ ରାଜ୍ୟ ନୋଡାଲ୍ ଅଫିସର ଓଡ଼ିଶା ତଥା ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶିକା ସ୍ମୃତି ସ୍ନିଗ୍ଧା ମିଶ୍ର ଆସି ଜିଲ୍ଲାର ଶିକ୍ଷା ବ୍ୟବସ୍ଥାକୁ ନେଇ ସମୀକ୍ଷା କରିଥିଲେ। ଗସ୍ତ ସମୟରେ ନାରାୟଣପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ମହେନ୍ଦ୍ରଗଡ଼ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଆର୍. ଉଦୟଗିରି ସରକାରୀ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି ସ୍ଥିତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ନୂଆକେରାଣ୍ଡି ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମେତ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଗସ୍ତ ସମୟରେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଏ.ରବି କୁମାରଙ୍କ ସମେତ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ଦୋକାନରେ ନିଆଁ; ଲକ୍ଷାଧିକ ଟଙ୍କାର ସାମଗ୍ରୀ ପାଉଁଶ





ପାରଳାଖେମୁଣ୍ଡି, ୧୩।୯ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଗାନ୍ଧୀଛକ ନିକଟରେ ଥିବା ଏକ ଦୋକାନରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ଦୋକାନ ମାଲିକ ନରସିଂହ ସାହୁଙ୍କ କହିବା ମୁତାବକ ଶୁକ୍ରବାର ସେ ଏକ ନୂଆ ରେଫ୍ରିଜେଟର କ୍ରୟ କରି ଆଣିଥିଲେ। ପ୍ରଥମ କରି ଗତକାଲି ହିଁ ତାହାକୁ ବ୍ୟବହାର କରିଥିଲେ। ରାତିରେ ଦୋକାନ ବନ୍ଦ କରି ଯିବା ସମୟରେ ନୂଆ ରେଫ୍ରିଜେଟରଟି ଚାଲୁଥିଲା। ହଠାତ୍ ବଡି ଭୋର୍‌ରେ ଦୋକାନରୁ ଧୂଆଁ ବାହାରୁଥିବା ସ୍ଥାନୀୟ ଲୋକଙ୍କ ଠାରୁ ଶ୍ରୀ ସାହୁ ସୂଚନା ପାଇଥିଲେ। ପରେ ଦୋକାନର ସଟର ଖୋଲିବାରୁ ଲକ୍ଷାଧିକ ଟଙ୍କାର ଆସବାବପତ୍ର ସହ ବିକ୍ରୟ ସାମଗ୍ରୀ ଜଳୁଥିବା ଦେଖି ଅଗ୍ନିଶମବାହିନୀକୁ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

## ଜାତୀୟ ଲୋକ ଅଦାଲତ; ୨୫୧୨ ମାମଲା ଫଇସଲା



ପାରଳାଖେମୁଣ୍ଡି, ୧୩।୯ (ସମିସ): ପାରଳାଖେମୁଣ୍ଡିର ଜିଲ୍ଲା ନ୍ୟାୟାଳୟ ପରିସରରେ ଚଳିତ ବର୍ଷର ତୃତୀୟ ଜାତୀୟ ଲୋକ ଅଦାଲତ ଆୟୋଜିତ ହୋଇଥିଲା। ଏଥିରେ ୨୫୧୨ଟି ମାମଲାର ଫଇସଲା ସହ ୩୬ ଲକ୍ଷ ୮ହଜାର ୮୫୯ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏହି ଲୋକ ଅଦାଲତ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲାଜଜ୍ ଜଗଦୀଶ ପ୍ରସାଦ ମହାନ୍ତି ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ବିମଳ ରାଉଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସିଜେଏମ ନରୋତ୍ତମ ସେଠୀ, ସିନିୟର ସିଭିଲଜଜ୍ ଜୀବନାନନ୍ଦ ପାତ୍ରୀ, ଆର. ଉଦୟଗିରିର ସିନିୟର ସିଭିଲଜଜ୍ ସୌଦାମିନୀ ବିଶ୍ୱାଳ, ମହିଳା ଅଦାଲତ ବିଚାରପତି ରଶ୍ମିତା ସାହୁ, ଏସଡ଼ିଜେଏମ୍ ବିଷ୍ଣୁପ୍ରିୟା ସାମନ୍ତରାୟ, ଜେଏମ୍‌ଏଫସି ସତ୍ୟଜିତ ପାଣି, ଆର. ଉଦୟଗିରିର ଜେଏମ୍‌ଏଫସି ତରୁଣ କୁମାର ସେଠୀ, ମୋହନାର ଜେଏମ୍‌ଏଫସି ଶୁଭଜିତ ବେହେରା, କାଶୀନଗର ଜେଏମ୍‌ଏଫସି ମୋନାଲି ବେହେରା, ପାରଳାଖେମୁଣ୍ଡି ଓକିଲ ସଂଘର ସଭାପତି ଜିତେନ୍ଦ୍ର କୁମାର ପଟ୍ଟନାୟକ, ସମ୍ପାଦକ ଏମ. ପୃଥ୍ୱୀରାଜଙ୍କ ସମେତ ଓକିଲଙ୍କ ସହଯୋଗରେ ବିଭିନ୍ନ ମାମଲାର ଫଇସଲା ତଥା ମଧ୍ୟସ୍ଥତା ଦ୍ୱାରା ସମାଧାନ କରାଯାଇଥିଲା।

## ବିଶ୍ୱ ପ୍ରାଥମିକ ଚିକିତ୍ସା ସଚେତନତା ଦିବସ



ଫିରିଙ୍ଗିଆ, ୧୩।୯ (ସମିସ): ଫିରିଙ୍ଗିଆ ବ୍ଲକ ନୂଆପଦର ପଞ୍ଚାୟତ ଅନ୍ତର୍ଗତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନୂଆପଦରରେ ବିଶ୍ୱ ପ୍ରାଥମିକ ଚିକିତ୍ସା ସଚେତନତା ଦିବସ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଏବଂ ସଚେତକ ଭାବରେ ନୂଆପଦର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା.ଦେବାପ୍ରିୟ ଦଳାଇ ଏବଂ ଫାର୍ମାସିଷ୍ଟ ଗୋପାଳ କୃଷ୍ଣ ଡାକୁଆ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପଲତା ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବିଶ୍ୱ ପ୍ରାଥମିକ ଚିକିତ୍ସା ସଚେତନତା କାର୍ଯ୍ୟକ୍ରମରେ ବିଦ୍ୟାଳୟର ନବମ ଶ୍ରେଣୀ ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ସାପ କାମୁଡ଼ା, କୁକୁର କାମୁଡ଼ା, ମାଛ କଣ୍ଟା ତଣ୍ଟିରେ ଲାଗିଯିବା ଭଳି ବିଭିନ୍ନ ଘଟଣାର ପ୍ରାଥମିକ ଚିକିତ୍ସା ବିଷୟରେ ଉପସ୍ଥିତ ଡା. ଦଳାଇ ଏବଂ ଫାର୍ମାସିଷ୍ଟ ଅବଗତ କରାଇଥିଲେ। ଶେଷରେ ୱାଇଆରସି କାଉନସେଲର ଅଞ୍ଜଳି ମଲିକଙ୍କ ତତ୍ତ୍ୱାବଧାନରେ ସମସ୍ତ ୱାଇଆରସି, ଛାତ୍ରଛାତ୍ରୀ ସମସ୍ତ ମନ୍ଦିର ପରିସରରେ ସଫେଇ କରିଥିଲେ।

## ଜନବସତି ଉପରେ ଛିଡ଼ି ପଡ଼ିଲା ୧୧ କେଭି ବିଦ୍ୟୁତ୍ ତାର

ବ୍ରାହ୍ମଣୀଗାଁ, ୧୩।୯ (ସମିସ): ଦାରିଙ୍ଗବାଡି ବ୍ଲକ ସ୍ଥିତ ବ୍ରାହ୍ମଣୀଗାଁ ସହରର ଧର୍ମସାହି ଏକ ପୁରୁଣା ବସ୍ତି। ଏହାର ଉପର ଦେଇ ଗଦାପୁର ଫିଡରର ୧୧ କେଭି ତାର ଯାଇଛି।



ଦୁର୍ଭାଗ୍ୟବଶତ ଆଜି ସକାଳ ସାଢ଼େ ପ୍ରାୟ ୭ଟା ବେଳେ ବିଦ୍ୟୁତ୍ ତାର ଛିଡ଼ି ବସ୍ତି ଉପରେ ପଡ଼ିଥିଲା। ବସ୍ତି ଲୋକ ଭୟଭୀତ ହୋଇ ଘରୁ ବାହାରି ନ ଥିଲେ। ସଙ୍ଗେ ସଙ୍ଗେ ସ୍ଥାନୀୟ ଲାଇନ୍‌ମ୍ୟାନକୁ ଜଣାଇବା ପରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା। ସାଢ଼େ ୧୨ଟା ବେଳକୁ ମରାମତି କାମ ସମାପ୍ତ ହେବା ପରେ ବସ୍ତିଲୋକ ଆଶ୍ୱସ୍ତ ହୋଇଥିଲେ। ପରବର୍ତ୍ତୀ ସମୟରେ ଏହି ଅଞ୍ଚଳରେ ପୁନର୍ବାର ଏପରି ବିପଦ ନ ଘଟିବାକୁ ଏହି ଲାଇନ୍‌କୁ ବସ୍ତି ଠାରୁ ଦୂରେଇ ନେବାକୁ ଦାବି ହୋଇଛି।

## ଗୋଷାଣି ବ୍ଲକର ବିଭିନ୍ନ ସୋସାଇଟି ପରିଦର୍ଶନ କଲେ ବିଧାୟକ

ପାରଳାଖେମୁଣ୍ଡି, ୧୩।୯ (ସମିସ): ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ ଗଜପତି ଜିଲ୍ଲା ଗୋଷାଣି ବ୍ଲକର ବିଭିନ୍ନ ସମବାୟ କେନ୍ଦ୍ର ଅଚାନକ ପରିଦର୍ଶନ କରିଥିଲେ। ଜିଲ୍ଲାରେ ବର୍ତ୍ତମାନ ସାରର ଅଭାବୀ ବିକ୍ରି ସହ ସାର ଅଭାବ ଯୋଗୁଁ ଚାଷୀଭାଇ କଷ୍ଟକର ପରିସ୍ଥିତିର ସମ୍ମୁଖୀନ ହେଉଥିବା ବେଳେ ଅଭିଯୋଗ ଓ ଅସନ୍ତୋଷ ଆନ୍ଦୋଳନର ଦାନା ବାନ୍ଧୁଛି। ଜିଲ୍ଲାରେ ଗୋଷାଣି, କାଶୀନଗର ଓ ପାରଳାଖେମୁଣ୍ଡି ଆଖପାଖ ଅଞ୍ଚଳରେ ଧାନଚାଷ ବହୁଳ ମାତ୍ରାରେ ହେଉଥିବାରୁ ଉକ୍ତ ଅଞ୍ଚଳରେ ଚାପା ଉତ୍ତେଜନା ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଏହି ପରିପ୍ରେକ୍ଷୀରେ ଆବଶ୍ୟକ ଥିବା ସାର ଆସୁନଥିବା ବେଳେ କିଛିଦିନ ପୂର୍ବେ ସାମ୍ବାଦିକ ସମ୍ମିଳନୀ କରି ବିଧାୟକ ଶ୍ରୀପାଣିଗ୍ରାହୀ ପ୍ରଶାସନକୁ ଚେତାବନୀ ଦେଇଥିଲେ। ପ୍ରଶାସନ ବିଧାୟକଙ୍କୁ ଦେଇଥିବା ପ୍ରତିଶ୍ରୁତି ଅନୁସାରେ ସାର ଗୋଷାଣି ବ୍ଲକର କିଛି ସମବାୟ କେନ୍ଦ୍ରକୁ ପଠାଇଥିଲେ। ତେବେ କେନ୍ଦ୍ର ଗୁଡିକରେ ସଠିକ୍ ଭାବେ ଓ ଉଚିତ ମୂଲ୍ୟରେ ପ୍ରକୃତ ଚାଷୀଙ୍କୁ ସାର ମିଳୁଛି ନା ନାହିଁ ତାର ସମୀକ୍ଷା କରିଛନ୍ତି ବିଧାୟକ ଶ୍ରୀ ପାଣିଗ୍ରାହୀ।



ତଥାପି ଆବଶ୍ୟକ ଥିବା ସାର ତୁରନ୍ତ ସରକାର ଚାଷୀ ଓ ଚାଷୀର ହିତ ଦୃଷ୍ଟିରୁ ପଠାଇବା ପାଇଁ ଅନୁରୋଧ କରିଛନ୍ତି।

## ବିଜୟା ଦଶମୀ ଉପଲକ୍ଷେ ବହିପୂଜା



ଚକାପାଦ, ୧୩।୯ (ସମିସ): ଚକାପାଦ ବ୍ଲକ ଲାଇନପଡ଼ା ଶିବ ଶକ୍ତି ଯୁବକ ସଂଘ ତରଫରୁ ଚାଳିଶି ତମ ଦୁର୍ଗା ପୂଜା ଉପଲକ୍ଷେ ଅଷ୍ଟଦଶ ଅବଦାନ ନିମନ୍ତେ ସାମାଜିକ ନାଟକ 'ଦୁଃଖ ସରିବନି ମାରିବା ଯାଏ'ର ନିର୍ଦ୍ଦେଶକ ସନ୍ତୋଷ କୁମାର ସାହୁଙ୍କ ଉପସ୍ଥିତିରେ ବହି ପୂଜନ ଅନୁଷ୍ଠିତ ହୋଇଥିଲା। ନାଟ୍ୟ ସଭାପତି ଦେବାନନ୍ଦ ବେହେରା, କମିଟି ସଦସ୍ୟ ଅଶ୍ୱିନୀ ପ୍ରଧାନ, ସରୋଜ ଦଳବେହେରା, ଅମିତ ଭୋଇ, ବିଜୟ କହଁର ଏବଂ ଯାତ୍ରା କଳାକାର ଉପସ୍ଥିତ ଥିଲେ। ଏହି ନାଟକ ଆସନ୍ତା ଅକ୍ଟୋବର ୫ ତାରିଖରେ ମଞ୍ଚସ୍ଥ ହେବ ବୋଲି ନାଟ୍ୟ ସଭାପତି ସୂଚନା ଦେଇଛନ୍ତି। ବହି ପୂଜା କାର୍ଯ୍ୟକ୍ରମ ସାରିବା ପରେ ସମସ୍ତ କଳାକାର ନିର୍ଦ୍ଦେଶକ ଶ୍ରୀ ସାହୁଙ୍କୁ ଗୁରୁ ପୂଜନ କରିଥିଲେ। ଏହି ଗୁରୁ ପୂଜନ କାର୍ଯ୍ୟକ୍ରମରେ ପୁରାତନ କଳାକାର ବିନୋଦ ବିହାରୀ ନାଏକ, ରାଜେନ୍ଦ୍ର ନାରାୟଣ ବେହେରା ଓ ପ୍ରଦୀପ୍ତ କୁମାର ଦିଗାଳ ଉପସ୍ଥିତ ଥିଲେ।

## ଅସହାୟ ପରିବାରକୁ ରାସନ ସାମଗ୍ରୀ ପ୍ରଦାନ

ଫିରିଙ୍ଗିଆ, ୧୩।୯ (ସମିସ): ଫିରିଙ୍ଗିଆ ବ୍ଲକ ବନ୍ଧଗଡ଼ ପଞ୍ଚାୟତର ବାଲିକିଡାଡିରେ ଅନନ୍ତଦୀପ୍ତି ଆଶା ଟ୍ରଷ୍ଟ ତରଫରୁ ଫିରିଙ୍ଗିଆ, ସାରଙ୍ଗଡ଼, ଗୁଟିଙ୍ଗିଆ ଅଞ୍ଚଳର ୫ଶହ ଗରିବ



ପରିବାରକୁ ରାସନ ସାମଗ୍ରୀ ବଣ୍ଟନ କରାଯାଇଛି। ଏହି ଅବସରରେ ଟ୍ରଷ୍ଟର ସଦସ୍ୟ, ସଭାନେତ୍ରୀ ଏବଂ ବୋର୍ଡ ସଦସ୍ୟ ଉପସ୍ଥିତ ଥିଲେ। ରାସନ ସାମଗ୍ରୀରେ ଚାଉଳ ପ୍ୟାକେଟ, ଡାଲି, ଅଟା, ଚିନି, ଖାଇବା ତେଲ ବଣ୍ଟନ କରାଯାଇ ଥିଲା। କାର୍ଯ୍ୟକ୍ରମରେ ଫିରିଙ୍ଗିଆ ପୁଲିସ, ସ୍ଥାନୀୟ ସରପଞ୍ଚ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ୩୦୦ ରୋଗୀଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା

ଦାରିଙ୍ଗବାଡି, ୧୩।୯ (ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରେମ୍ ଓ ବିଶାଖାପାଟଣାମ୍ ଓମେଗା ହସ୍ପିଟାଲ ଆନୁକୂଲ୍ୟରେ ପ୍ରେମ୍



କାର୍ଯ୍ୟାଳୟ ଦଣ୍ଡିମାହାରେ ସ୍ୱାସ୍ଥ୍ୟଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ ସଫଳ କରିବା ପାଇଁ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କାର୍ଯ୍ୟାଳୟ ଓ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସହଯୋଗ କରାଯାଇଥିଲା। ଶିବିରରେ ୪ଜଣ ଡାକ୍ତର ଓ ତାଙ୍କ ଟିମ୍ ଉପସ୍ଥିତ ଥାଇ ୩୦୦ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୨୦ ଜଣ ରୋଗୀଙ୍କ ମଧ୍ୟରେ କ୍ୟାନ୍‌ସର ଲକ୍ଷଣ ଥିବା ସନ୍ଦେହ କରି ଅଧିକ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ବ୍ରହ୍ମପୁର ମେଡିକାଲ କଲେଜକୁ ଯିବାକୁ ପରାମର୍ଶ ଦିଆଯାଇଥିଲା। ଏହା ସହ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଜଟିଳ ଥିବା ରୋଗୀଙ୍କୁ ମଧ୍ୟ ବ୍ରହ୍ମପୁର ମେଡିକାଲ କଲେଜକୁ ଯିବା ନିମନ୍ତେ ପରାମର୍ଶ ଦିଆଯାଇଥିଲା। ଶିବିରରେ ରକ୍ତ ନମୁନା ପରୀକ୍ଷା ସହିତ ଆବଶ୍ୟକ ଔଷଧ ମଧ୍ୟ ବିତରଣ କରାଯାଇଥିଲା। ଶିବିରରେ ଓମେଗା ହସ୍ପିଟାଲର ଜେନେରାଲ ମ୍ୟାନେଜର ପ୍ରମୋଦ ପଟ୍ଟନାୟକ, ପ୍ରେମ୍ ସଂସ୍ଥାର ପ୍ରକଳ୍ପ ପରିଚାଳକ ସୁଧୀର କୁମାର ଦିଗାଳ ଓ ସ୍ୱାସ୍ଥ୍ୟ ପରାମର୍ଶଦାତା ଦେବାଶିଷ ମିଶ୍ର ଉପସ୍ଥିତ ରହି ପରିଚାଳନା କରିଥିଲେ।

## କିଲାପାଙ୍ଗାରେ ଚାରାବଣ୍ଟନ

ଜି.ଉଦୟଗିର, ୧୩।୯ (ସମିସ): ଜି.ଉଦୟଗିରି ନିକଟସ୍ଥ କିଲାପଙ୍ଗାରେ ଚାରାବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଇକିଆର ସ୍ୱେଚ୍ଛାସେବୀ ଅନୁଷ୍ଠାନ ପାହାଡ଼ ତରଫରୁ ବିଭିନ୍ନ ସ୍ଥାନରେ ଚାରାବଣ୍ଟନ ସହିତ ଚାରା ରୋପଣ କାର୍ଯ୍ୟକ୍ରମ ଜାରି ରହିଥିବା ବେଳେ ଜି.ଉଦୟଗିରି ନିକଟସ୍ଥ କିଲାପଙ୍ଗାରେ ଚାରାବଣ୍ଟନ ସହିତ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ କତିଙ୍ଗିଆ ପୂର୍ବତନ ସରପଞ୍ଚ ତଥା ବର୍ତ୍ତମାନ ବିଜେପି ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅବନେଶ୍ୱର ପ୍ରଧାନ ଅତିଥି ଭାବେ ଯୋଗ ଦେଇ ଚାରାବଣ୍ଟନ କରିଥିଲେ।



## ଲଗାଣ ବର୍ଷାରେ ପନିପରିବା ଚାଷ ପ୍ରଭାବିତ

ଜି.ଉଦୟଗିରି, ୧୩।୯ (ସମିସ): ହାତୀ ଉପଦ୍ରବରେ ଚାଷ ପ୍ରଭାବିତ ହୋଇଥିବା ବେଳେ ଏବେ ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପନିପରିବା ଚାଷ ପ୍ରଭାବିତ ହୋଇଛି। ଲଗାଣ ବର୍ଷାରେ ରାସ୍ତା ଘାଟ ଧୋଇ ଯାଇଥିବାବେଳେ ପନିପରିବା ଚାଷୀଙ୍କ ପାଇଁ ଆଣିଛି ସମସ୍ୟା। ଲଗାଣ ବର୍ଷା ଯୋଗୁଁ ବିନ୍ସ, ବାଇଗଣ, ଟମାଟୋ, ଫୁଲକୋବି, ପତ୍ରକୋବି, ଲଙ୍କା, ଶାଗ ଆଦି ପନିପରିବା ନଷ୍ଟ ହେବାକୁ ବସିଛି। ଲଗାଣ ବର୍ଷା କାରଣରୁ ଫସଲରେ ପୋକ ଲାଗି ସବୁ ପୋକଡ଼ା ହେବା, ପନି ପରିବାର ଫୁଲ ଝଡ଼ିଯିବା, ଅଧିକ ବର୍ଷାରେ ଚାରା ପଚିଯିବା ଆଦି ସମସ୍ୟାରେ ଘାଣ୍ଟି ହେଉଛି ଚାଷୀ। ରୋଗ ପୋକ ନିୟନ୍ତ୍ରଣ କାଠିକର ପାଠ ହୋଇଛି। ଫଳରେ ସବୁ ପରିବା ଫସଲ ନଷ୍ଟ ହେବାରେ ଲାଗିଛି। ଯାହା କିଛି ଆଦାୟ ହେଉଛି ତାହା ବର୍ଷାରେ ବଜାରକୁ ଆଣି ବିକ୍ରି କରିବାରେ ଦେଖା ଦେଇଛି ଅନେକ ସମସ୍ୟା। ଆଖପାଖ କୋଡିଏ ଖଣ୍ଡ ଗ୍ରାମର ଚାଷୀ ଜି.ଉଦୟଗିରି ବଜାର ଉପରେ ନିର୍ଭର କରୁଥିବା ବେଳେ ଏବେ ଲଗାଣ ବର୍ଷା ଯୋଗୁଁ ଯଥେଷ୍ଟ ପରିବା ଆସୁନଥିବାବେଳେ ଯେତିକି ଆଣୁଛନ୍ତି ସେଥିରେ ଗାଡ଼ି ଖର୍ଚ୍ଚ ବାହାରୁ ନଥିବା ବହୁ ପରିବାଚାଷୀ କହିଛନ୍ତି। ବାବୁରିଆର ଆକାଶ ବୁର୍ଗୀ, ରାଇକିଆର ଜଗନ୍ନାଥ ନାୟକ, ବଡିଙ୍ଗିଆର ଲିଲିମା ପ୍ରଧାନ ଆଗ ହାତୀ ଭୟରେ ଚାଷ ସହିତ ଲୋକେ ଆସିବାକୁ ଡରୁଥିବା ବେଳେ ଏବେ ଲଗାଣ ବର୍ଷାରେ ଫସଲ ନଷ୍ଟ ହେବା ସହିତ ଲୋକେ ହାଟକୁ ନଆସିବା ଫଳରେ ବ୍ୟବସାୟ ହେଉନଥିବା କହିଛନ୍ତି। ବର୍ଷାରେ ରାସ୍ତା କଡ଼ରେ ବିକ୍ରି କରିବା କଷ୍ଟକର ହୋଇଥିବା ବେଳେ ନେବା ଆଣିବା ଖର୍ଚ୍ଚ ବାଧୁଛି ବୋଲି କହିଛନ୍ତି ଚାଷୀ।

### ବିଭିନ୍ନ ଗାଁରେ ଅବକାରୀ ଟିମ୍‌ର ମିଳିତ ଚଢ଼ଉ

## ବିପୁଳ ପରିମାଣର ମଦ ଜବତ, ପୋଚ ନଷ୍ଟ

ଫିରିଙ୍ଗିଆ, ୧୩।୯ (ସମିସ)



ଅପରେସନ ପରିପେକ୍ଷୀରେ କନ୍ଧମାଳ ଜିଲ୍ଲା ଅବକାରୀ ଅଧିକ୍ଷକ ସୁଶାନ୍ତ କୁମାର ପାତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ଫିରିଙ୍ଗିଆ ଥାନା ଗୁରୁପଡ଼ା, କାଳିପଙ୍ଗା ଏବଂ ଗୋଛାପଡ଼ା ଥାନା ଅଧୀନରେ ଥିବା ବିଭିନ୍ନ ଗାଁରେ ଫୁଲବାଣୀ ସଦର ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରି ବିପୁଳ ପରିମାଣରେ ଦେଶୀ ଓ ବିଦେଶୀ ମଦ ଜବତ ସହ ମଦ ପ୍ରସ୍ତୁତର ବ୍ୟବହାର ମହୁଲ ପୋଚକୁ ନଷ୍ଟ କରାଯାଇଛି।

ସୂଚନା ଅନୁସାରେ ସଦର ଅବକାରୀ ଇନ୍ସପେକ୍ଟର ବିନୋଦ ବାସ୍କେଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ବ୍ଲକ ଅଧୀନରେ ଥିବା ବିଭିନ୍ନ ଗ୍ରାମାଞ୍ଚଳରେ ଚଢ଼ଉ କରିଥିଲେ। ଚଢ଼ଉରେ ମାଜିଷ୍ଟ୍ରେଟ ଭାବରେ ଫିରିଙ୍ଗିଆ ଅତିରିକ୍ତ ତହସିଲଦାର ପୃଥ୍ୱୀରାଜ ମହାନନ୍ଦିଆ ଉପସ୍ଥିତ ଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ସଦର ଓଆଇସି ପ୍ରକାଶ ମଲ୍ଲିକ, ଉଦୟଗିରି ଓଆଇସି ଯାଦବ ପ୍ରଧାନଙ୍କ ସହ ସୁରକ୍ଷା ପାଇଁ ପୁଲିସ ଫୋର୍ସ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ତେବେ ଗୋଟିଏ ଦିନରେ ଅବକାରୀ ବିଭାଗ ୨୬୫ ଲିଟର ଦେଶୀ ମଦ, ୪୫.୨୦୦ ଲିଟର ବିୟର, ୨୫.୮୮୫ ଲିଟର ବିଦେଶୀ ମଦ ଜବତ କରିବା ସହ ୪୦୦୦ କେଜି ମହୁଲ ପୋଚକୁ ନଷ୍ଟ କରାଯାଇଥିଲା। ଚଢ଼ଉକୁ ନେଇ ଅବକାରୀ ବିଭାଗରେ ଦୁଇଟି ମାମଲା ରୁଜୁ କରିଥିବା ସଦର ଅବକାରୀ ଇନ୍ସପେକ୍ଟର ବିନୋଦ ବାସ୍କେ କହିଛନ୍ତି।

